## ଆଜି କ'ଣ କେଉଁଠି

**ବ୍ରହ୍ମପୁର**

- ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ବାର୍ଷିକୋତ୍ସବ। ସ୍ଥାନ-ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ, ସମୟ-ପୂର୍ବାହ୍ନ ୧୦ଟା।
- ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ବାର୍ଷିକୋତ୍ସବ। ସ୍ଥାନ-ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ, ସମୟ-ପୂର୍ବାହ୍ନ ୧୧ଟା।

**ବାଲିଗୁଡ଼ା**

- ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ। ସ୍ଥାନ-ବିଦ୍ୟାଳୟ ପରିସର, ସମୟ-ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ଲୁଟେରାଙ୍କ ଟାର୍ଗେଟରେ ମନ୍ଦିର ସମ୍ପତ୍ତି
## ତ୍ରିନାଥ ମନ୍ଦିରରୁ ଅଳଙ୍କାର, ଟଙ୍କା ଚୋରି

**ବ୍ରହ୍ମପୁର ଅଫିସ,୧୬।୨:** ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଶ୍ରୀକୃଷ୍ଣନଗରରେ ଥିବା ତ୍ରିନାଥ ମନ୍ଦିରରୁ ଟଙ୍କା ଓ ସୁନା ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ନଂ ୯୦/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ପୂଜକ ପୂଜାର୍ଚ୍ଚନା ପାଇଁ ବୁଧବାର ସକାଳେ ମନ୍ଦିରକୁ ଯାଇଥିଲେ। ସମ୍ମୁଖ ଭାଗ ଗ୍ରୀଲ ତାଲା ଭଙ୍ଗା ଯାଇଥିବା ସେ ଦେଖିବାକୁ ପାଇଥିଲେ। ସେ ଟ୍ରଷ୍ଟି ମନୋଜ କୁମାର ତରାଇଙ୍କୁ ଏ ବିଷୟରେ ଜଣାଇଥିଲେ। ପରେ ସେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି।

## ମାରପିଟ ମାମଲାରେ ୨ ଗିରଫ

**ବ୍ରହ୍ମପୁର ଅଫିସ,୧୬।୨:** ଦୁଇ ଗୋଷ୍ଠୀ ମଧ୍ୟରେ ହୋଇଥିବା ମାରପିଟ ମାମଲାରେ ନିମଖଣ୍ଡି ଥାନା ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ହୁଗୁଳାପଟା ଗ୍ରାମର ପପୁନ ତରାଇ(୨୧), ବିନୋଦ ବରାଡ଼ ଓରଫ ନାନୁ(୨୦)। ମାମଲା ନମ୍ବର ୫୮/୨୩ରେ ଉଭୟ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଦୁଇ ଦିନ ପୂର୍ବେ ହୁଗୁଳାପଟା ଗ୍ରାମରେ ବିବାହ ଭୋଜି ଚାଲିଥିଲା। ସେଠାରେ କୌଣସି କାରଣକୁ ନେଇ ଛୋଟ ଛୋଟ ଶିଶୁଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଯାହାକୁ ନେଇ ଉକ୍ତ ଗ୍ରାମର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଝଗଡା ହୋଇଥିଲା। ଗୋଟିଏ ଗୋଷ୍ଠୀର ୧୦ ରୁ ଅଧିକ ଯୁବକ ଅନ୍ୟ ଗୋଷ୍ଠୀର କୁନା ସାହୁ, ଦିନେଶ ସାହୁ, ଲାଲୁ ସାହୁ ଓ ସୁଭାଷ ଚନ୍ଦ୍ର ସାହୁଙ୍କୁ ଆକ୍ରମଣ କରିଥିଲେ। ପରେ କୁନା ସାହୁ ଏନେଇ ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ।

## ଗାଡ଼ି ଧକ୍କାରେ ହରିଣ ମୃତ, ଶାବକ ଜନ୍ମ

**କବିସୂର୍ଯ୍ୟନଗର,୧୬।୨(ଡି.ଏନ.ଏ.):** ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବଡଆଗୁଲ ରାସ୍ତାରେ ଗୁରୁବାର ଗାଡ଼ି ଧକାରେ ଏକ ଗର୍ଭବତୀ ହରିଣର ମୃତ୍ୟୁ ହୋଇଛି। ହରିଣଟି ରାସ୍ତା ପାର ହେବା ସମୟରେ ଗାଡି ଧକ୍କା ଦେଇଥିଲା। ଫଳରେ ହରିଣଟିର ପେଟ ଫାଟିଯିବା ସହିତ ରାସ୍ତା ଉପରେ ହିଁ ତା'ର ମୃତ୍ୟୁ ହୋଇଥିଲା। ତେବେ ଦୁର୍ଘଟଣା ଫଳରେ ହରିଣର ପେଟରେ ଥିବା ଛୁଆଟି ବାହାରକୁ ଛିଟିକି ପଡ଼ିଥିବା ବେଳେ ସ୍ଥାନୀୟ ଲୋକେ ତାକୁ ଉଦ୍ଧାର କରି ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନବଜାତ ହରିଣ ଶାବକକୁ ପ୍ରାଣୀ ଚିକିତ୍ସାଳୟରେ ଭର୍ତ୍ତି କରିବା ସହିତ ମା' ହରିଣକୁ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଥିବା ସୂଚନା ମିଳିଛି।

# ଇସ୍ରୋ ସମ୍ବନ୍ଧରେ ଜ୍ଞାନ ଆହରଣ କଲେ ଛାତ୍ରୀଛାତ୍ର

### ଆଇଟିଆଇରେ ଇସ୍ରୋର ୧୧ ବୈଜ୍ଞାନିକ

**ବ୍ରହ୍ମପୁର ଅଫିସ,୧୬।୨**

ବ୍ରହ୍ମପୁର ଆଇଟିଆଇ ପରିସରରେ ବୁଧବାର ବିକ୍ରମ ସାରାଭାଇ ସ୍ପେସ୍ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅହମଦାବାଦ ଇସ୍ରୋର ୧୧ ଜଣ ବୈଜ୍ଞାନିକ ଟିମ୍ ଗସ୍ତ କରିଛନ୍ତି। ଏହି ଟିମ୍‌ରେ ଇସ୍ରୋର ଅନୁପ ଦାଶ, ଚକ୍ରପାଣି ପଟ୍ଟନାୟକ, ଅକ୍ଷୟ ସାହୁ, ଏନ୍. ଜେ. ଭଟ୍ଟ, ପରେଶ ସରନିଆ ଓ ୪ ଜଣ ଟେକ୍‌ନିସିଆନ ସମେତ ୨ ଜଣ ଡ୍ରାଇଭର ଥିଲେ।

ମେଳାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଏଥିରେ ରିମୋଟ ସେନ୍‌ସେସିଂ ଓ କମ୍ୟୁନିକେଶନ ସାଟେଲାଇଟ୍ ମାଧ୍ୟମରେ ବୈଜ୍ଞାନିକଙ୍କ ସହ କଥାବାର୍ତ୍ତା, ମୋବାଇଲ ବସ୍‌ରେ ଚନ୍ଦ୍ରାୟନ ମଡେଲ, ଚନ୍ଦ୍ର ପରିଭ୍ରମଣ ଆରବିଟର ମିଶନ ଓ ଇସ୍ରୋ ପକ୍ଷରୁ ଚନ୍ଦ୍ର ପରିଭ୍ରମଣ ଅରବିଟର ମିଶନର ଭିଡିଓ ଡକ୍ୟୁମେଣ୍ଟାରି ପ୍ରଦର୍ଶିତ ହୋଇଥିଲା। ପ୍ରଦର୍ଶନୀରେ ଛାତ୍ରୀଛାତ୍ରମାନେ ଇସ୍ରୋ ସମ୍ବନ୍ଧରେ ଜ୍ଞାନ ଆହରଣ କରିଥିଲେ। ଗଞ୍ଜାମ ଜିଲାର ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଦଶମ ଶ୍ରେଣୀର ଛାତ୍ରୀଛାତ୍ର, ଅନ୍ୟ ଆଇଟିଆଇ ଓ ପଲିଟେକ୍‌ନିକର ୧୫ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ। ଆଇଟିଆଇ ପକ୍ଷରୁ ବର୍ଜ୍ୟବସ୍ତୁ ମାଧ୍ୟମରେ ପ୍ରସ୍ତୁତ ହୋଇଥିବା କଳାକୃତିକୁ ବୈଜ୍ଞାନିକମାନେ ଉଚ୍ଚ ପ୍ରଶଂସା କରିଥିଲେ। ଆଗାମୀ ଦିନରେ ଇସ୍ରୋରେ ଆଇଟିଆଇର ୪୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯେଭଳି ନିଯୁକ୍ତିର ସୁଯୋଗ ପାଇବେ ସେଥିନିମନ୍ତେ ଲକ୍ଷ୍ୟ ରଖାଯାଇଥିବା ଆଇଟିଆଇ ଅଧ୍ୟକ୍ଷ ଡ.ରଜତ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି।


ଇସ୍ରୋ ବୈଜ୍ଞାନିକଙ୍କ ସହ ଆଇଟିଆଇ ଛାତ୍ରୀଛାତ୍ର ଓ ଅଧ୍ୟକ୍ଷ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com


@ ଆଶିଷ


@ ବୁବୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରମାଣ ଅଭାବରୁ ୪ ଅଭିଯୁକ୍ତ ନିର୍ଦ୍ଦୋଷ

### ପ୍ରଫେସର ଦମ୍ପତି ହତ୍ୟା ମାମଲା

**ବ୍ରହ୍ମପୁର ଅଫିସ,୧୬।୨**

ବ୍ରହ୍ମପୁର ଅତିରିକ୍ତ ଜିଲା ଜଜ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବଡ଼ଖେମୁଣ୍ଡି ସାହିର ପ୍ରଫେସର ଦମ୍ପତି ହତ୍ୟା ମାମଲାର ଗୁରୁବାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ୧୦ ବର୍ଷ ପରେ ୪ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ସ୍ୱରୁପ କୁମାର ପ୍ରଧାନ ତାଙ୍କ ଭଉଣୀ ଭବାନୀ ପ୍ରଧାନ, ପିଣ୍ଟୁ ନାୟକ ଓ ବୁବୁ ମହାନ୍ତି। ପୂର୍ବରୁ ଉକ୍ତ ମାମଲାର ସମ୍ପୃକ୍ତ ଥିବା ୨ ନାବାଳକ ମଧ୍ୟ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇସାରିଛନ୍ତି।

ପ୍ରକାଶ ଯେ, ବଡ଼ଖେମୁଣ୍ଡି ସାହିରେ ଅବସରପ୍ରାପ୍ତ ପ୍ରଫେସର ଦମ୍ପତି ଗୋପାଳକୃଷ୍ଣ ପାଣିଗ୍ରାହୀ ଓ ତାଙ୍କ ସ୍ତ୍ରୀ କମଳା ପାଣିଗ୍ରାହୀ ରହୁଥିଲେ। ତାଙ୍କ ପୁଅ ବାହାରେ କାମକରି ରହୁଥିବା ବେଳେ ଝିଅ ଭୁବନେଶ୍ୱରରେ ରହୁଥିଲେ। ଏଣୁ ବୃଦ୍ଧ ଦମ୍ପତିଙ୍କ ଘର ପାଇଁ ସାମଗ୍ରୀ ଆଣିବାକୁ ପଡିଶା ଘରେ ରହୁଥିବା ଜଣେ ନାବାଳକଙ୍କ ଉପରେ ସେମାନେ ନିର୍ଭର କରୁଥିଲେ। ୨୦୧୨ ଫେବୃୟାରୀ ୨ ସକାଳେ ବଡ଼ଖେମୁଣ୍ଡି ସାହିର ଦୁଇଜଣଙ୍କୁ ହତ୍ୟା କରାଯାଇଥିବା ଖବରପାଇ ବୈଦ୍ୟନାଥପୁର ଥାନା ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଦମ୍ପତିଙ୍କୁ ନିକଟରୁ ଗୁଳିକରି ହତ୍ୟା କରାଯାଇଥିଲା ବୋଲି ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା। ଏନେଇ ଅଭିଯୋଗ ପରେ ମାମଲା ନମ୍ବର ୪୦/୧୨ ରେ ପୋଲିସ ନାବାଳକଙ୍କୁ ପ୍ରଥମେ ଧରିବା ପରେ ଘଟଣାର ରହସ୍ୟ ଉନ୍ମୋଚିତ ହୋଇଥିଲା।

ପରେ ପୋଲିସ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଅନ୍ୟ ଜଣେ ନାବାଳକଙ୍କୁ ଧରିଥିଲା। ସେମାନଙ୍କୁ ଅଧିକ ପଚରାଉଚରା ପରେ ହତ୍ୟାକାରୀ ସ୍ୱରୂପ ପ୍ରଧାନ, ପିଣ୍ଟୁ ନାୟକ ଓ ବୁବୁ ମହାନ୍ତିଙ୍କୁ ଗିରଫ କରିଥିଲା। ହତ୍ୟା ପରେ ତାଙ୍କ ଘରୁ ଲୁଟି ନେଇଥିବା ୫୫ ଗ୍ରାମର ସୁନା ଅଳଙ୍କାର ସ୍ୱରୂପ ଭୁବନେଶ୍ୱରରେ ରହୁଥିବା ତାଙ୍କ ଭଉଣୀ ଭବାନୀଙ୍କ ଘରେ ରଖିଥିଲେ। ଯାହାକି ପୋଲିସ ଜବତ କରିବା ସହ ତାଙ୍କୁ ମଧ୍ୟ ଗିରଫ କରି ମାମଲା ନମ୍ବର ୪୦/୧୨ ରେ ୪ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ସେହିପରି ଏଥିରେ ସମ୍ପୃକ୍ତ ଥିବା ଦୁଇ ନାବାଳକଙ୍କୁ ଜେଜେବିରେ ହାଜର କରିବା କୋର୍ଟ ନିର୍ଦ୍ଦେଶରେ ସେମାନଙ୍କୁ ବାଳସୁଧାର ଗୃହକୁ ସ୍ଥାନାନ୍ତର କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଥାନାଧିକାରୀ ଦୀପକ କୁମାର ମିଶ୍ର କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। କିଛି ବର୍ଷ ପରେ ୪ ଜଣ ଅଭିଯୁକ୍ତ ଜାମିନ ପାଇଥିଲେ। ୪୨ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଗୁରୁବାର ମାମଲାର ଶୁଣାଣି ବେଳେ ଉପରୋକ୍ତ ୪ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ପ୍ରମାଣ ନ ମିଳିବାରୁ ଏଡିଜେ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ଜ୍ଞାନ ଜେନା ଓ ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କିଶୋର ବିଷୋୟୀ, ନିର୍ମଳ ସାହୁ, ସରୋଜ ଗୌଡ଼ ଓ ଅନିଲ ପାଢୀ ମକଦ୍ଦମା ପରିଚାଳନା କରିଥିଲେ।

### ଏନ୍‌ସି ଦଣ୍ଡପାଠ ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ
## ଖଲ୍ଲିକୋଟ, ଆଇସିସି ଇଚ୍ଛାପୁର ବିଜୟୀ

**ବ୍ରହ୍ମପୁର ଅଫିସ, ୧୬।୨**

ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆ ବ୍ରହ୍ମପୁର ଲିଡ୍ସ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଜିଲାସ୍ତରୀୟ ତୃତୀୟ ଡ.ଏନସି ଦଣ୍ଡପାଠ ୨୦-୨୦ ଓଭର କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଖଲ୍ଲିକୋଟ କ୍ରିକେଟ କ୍ଲବ ଓ ଷ୍ଟାର କ୍ରିକେଟ କ୍ଲବ ଏବଂ ଲିଡ୍ସ ସୁପର କିଙ୍ଗସ୍ ଓ ଆଇସିସି ଇଚ୍ଛାପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ଖଲ୍ଲିକୋଟ କ୍ରିକେଟ କ୍ଲବ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଏଥିରେ ୨୦ ଓଭରରେ ୬ଉଇକେଟ ହରାଇ ୧୮୩ ରନ ସଂଗ୍ରହ କରିଥିଲା। ଜବାବରେ ଷ୍ଟାର ସ୍ପୋର୍ଟିଂ କ୍ଲବ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୪୨ରନରେ ସୀମିତ ଥିଲା। ଏହି ମ୍ୟାଚରେ ଖଲ୍ଲିକୋଟ କ୍ରିକେଟ କ୍ଲବ ୪୧ ରନରେ ବିଜୟ ଲାଭ କରିଛି। ସେହିପରି ଦ୍ୱିତୀୟ ମ୍ୟାଚରେ ଲିଡ୍ସ ଏକାଡେମୀ ୨୦ଓଭରରେ ୫ ଉଇକେଟ ହରାଇ ୧୭୨ ରନ ସଂଗ୍ରହ କରିଥିଲା। ଜବାବରେ ଆଇସିସି ଇଚ୍ଛାପୁର ୩ଉଇକେଟ ବିନିମୟରେ ମାତ୍ର ୧୫.୩ ଓଭରରେ ୧୭୪ ରନ ସଂଗ୍ରହକରି ବିଜୟୀ ହୋଇଛି।

## ଛାତ୍ରଙ୍କୁ ଶିକ୍ଷୟିତ୍ରୀଙ୍କ ମାଡ଼ ଅଭିଯୋଗ

**ବ୍ରହ୍ମପୁର ଅଫିସ,୧୬।୨**

ଏକ ଘରୋଇ ସ୍କୁଲର ୟୁକେଜିରେ ପଢୁଥିବା ଜଣେ ୬ ବର୍ଷୀୟ ଛାତ୍ରଙ୍କୁ ଶିକ୍ଷୟିତ୍ରୀ ମାଡ ମାରିଥିବା ଅଭିଯୋଗ ହୋଇଛି। ତାଙ୍କ ମୁହଁରେ କ୍ଷତ ଚିହ୍ନ ସୃଷ୍ଟି ହୋଇଥିଲା। ଟାଉନ ଥାନା ପୋଲିସ ନଂ.୬୭/୨୩ ରେ ଏକ ମାମଲା ରୁଜୁ କରିଛି। ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ୪୧ ସିଆରପିସି ନୋଟିସ ଜାରି କରାଯାଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ଘଟଣାକୁ ନେଇ ଛାତ୍ରଙ୍କ ବାପା ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଗତ ୧୩ ତାରିଖରେ ଛାତ୍ର ଜଣଙ୍କ ଶ୍ରେଣୀରେ ବସିଥିବା ବେଳେ ଶିକ୍ଷୟିତ୍ରୀ ତାଙ୍କୁ ଡଷ୍ଟରରେ ମାଡ ମାରିଥିବା ବାପା ବିନୟ ବ୍ରତ ମହାପାତ୍ର ଅଭିଯୋଗ କରିଛନ୍ତି।




# ପୁରୀରୁ ନାବାଳିକା ଉଦ୍ଧାର: ଜେଲ ଗଲେ ଅପହରଣକାରୀ

**ବ୍ରହ୍ମପୁର ଅଫିସ,୧୬।୨**

ବ୍ରହ୍ମପୁର ନିମଖଣ୍ଡି ପୋଲିସ ଅପହରଣ କରାଯାଇଥିବା ଜଣେ ନାବାଳିକା ଛାତ୍ରୀଙ୍କୁ ପୁରୀରୁ ଉଦ୍ଧାର କରିଛି। ସେହିପରି ଅପହରଣକାରୀ ଯୁବକଙ୍କୁ ମଧ୍ୟ ସେଠାରୁ କାବୁ କରିଛି। ଅଭିଯୁକ୍ତ ଜଣଙ୍କ ସଦର ଥାନା ଅଞ୍ଚଳର ସୁରଜ ସାହୁ(୨୧)। ଗୁରୁବାର ପୋଲିସ ଉଭୟ ପୀଡ଼ିତା ଓ ଅପହରଣକାରୀଙ୍କର ଡାକ୍ତରୀ ପରୀକ୍ଷା କରିଛି। ମାମଲା ନମ୍ବର ୫୬/୨୩ରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପରେ ତାଙ୍କୁ କୋର୍ଟ ନିର୍ଦ୍ଦେଶରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ ଧାରା ୧୬୪ରେ ପୀଡ଼ିତାଙ୍କ ବୟାନ କୋର୍ଟରେ ରେକର୍ଡ କରାଯାଇଛି।

ପ୍ରକାଶ ଯେ, ଜଣେ ନାବାଳିକା ଛାତ୍ରୀଙ୍କୁ ପ୍ରଲୋଭିତ କରି ଗତ ୧୩ ତାରିଖରେ ତାଙ୍କ ଘର ନିକଟରୁ ଅପହରଣ କରାଯାଇଥିଲା। ଏନେଇ ଥାନାରେ ନାବାଳିକାଙ୍କ ବାପା ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରିଥିଲା। ଘଟଣାର ଅନୁସନ୍ଧାନ କରିବା ସହ ମୋବାଇଲ ଟ୍ରାକିଂରେ ଅପହରଣକାରୀଙ୍କ ଲୋକେସନ ଜାଣିବାକୁ ପାଇଥିଲା। ପୁରୀରେ ଯୁବକ ଜଣଙ୍କ ଉକ୍ତ ନାବାଳିକାଙ୍କୁ ନେଇ ରହୁଥିବା ଜଣାପଡିଥିଲା। ପୋଲିସ ବୁଧବାର ପୁରୀରେ ପହଞ୍ଚି ପ୍ରଥମେ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ସେହିପରି ଅପହରଣକାରୀ ଯୁବକ ସୁରଜଙ୍କୁ ମଧ୍ୟ ସେଠାରୁ ଧରିଥିଲା।


ଗିରଫ ଅଭିଯୁକ୍ତ।

# କେନ୍ଦ୍ର ବିରୋଧରେ ବିଜେଡିର ଆନ୍ଦୋଳନ

### ଚାଉଳ କାଟ ପ୍ରତିବାଦରେ ଶୋଭାଯାତ୍ରା, ବିକ୍ଷୋଭ



ବିଜେଡିର ଶୋଭାଯାତ୍ରା।

**ବ୍ରହ୍ମପୁର ଅଫିସ,୧୬।୨**

କେନ୍ଦ୍ର ସରକାର ଗରିବଙ୍କ ଚାଉଳ କାଟକୁ ବିରୋଧ କରି ବ୍ରହ୍ମପୁର ବିଜେଡି ପକ୍ଷରୁ ଗୁରୁବାର ବିଶାଳ ଶୋଭାଯାତ୍ରା ଓ ଉପଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହ ଗଣଧାରଣା ଦିଆଯାଇଥିଲା। ପୂର୍ବଭଳି ଅତିରିକ୍ତ ୫ କେଜି ଚାଉଳ ଦେବା ପାଇଁ ଦାବି ହୋଇଥିଲା। ନଚେତ ପ୍ରତିବାଦରେ ଆଗାମୀ ଦିନରେ ଆନ୍ଦୋଳନକୁ ଦୁର୍ବାର କରାଯିବାର ଚେତାବନୀ ଦିଆଯାଇଛି। ହିଲ୍‌ପାଟଣା ସଂସ୍କୃତି ଭବନ ନିକଟରୁ ରାଲି ବାହାରିଥିଲା। କମାପଲ୍ଲୀ ଅଞ୍ଚଳ ପରିକ୍ରମା ବେଳେ ମୋଦି ସରକାରଙ୍କୁ ଟାର୍ଗେଟ କରି ନାରାବାଜି କରାଯାଇଥିଲା।

ବିଧାୟକ ବିକ୍ରମ କୁମାର ପଣ୍ଡା, ଏମ୍‌ପି ଚନ୍ଦ୍ରଶେଖର ସାହୁ ଓ ମେୟର ସଂଘମିତ୍ରା ଦଳେଇ ନେତୃତ୍ୱ ନେଇଥିଲେ। ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ରାଜ୍ୟ କାଜୁ ଉନ୍ନୟନ ନିଗମ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ବ୍ରହ୍ମପୁର ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀ, ମହାନଗର ବିଜେଡି ସଭାପତି ବିଜୟ ଚନ୍ଦ୍ର ସାମଲ, ଯୁବ ବିଜେଡି ସଭାପତି ଅଜିତ ପଣ୍ଡା, ଜିଲା ବିଜେଡି ଉପସଭାପତି ସଞ୍ଜିତ ପାଣିଗ୍ରାହୀ, ଭଗବାନ ଗନ୍ତାୟତଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଯୋଗ ଦେଇଥିଲେ। ମହିଳା ବିଜେଡି ନେତ୍ରୀ ମମତା ବିଶୋୟୀ, ସୋନାଲି ଗନ୍ତାୟତ, ଡେପୁଟି ମେୟର ବିବେକ ରେଢ୍ଡୀଙ୍କ ସମେତ ସୁରେନ୍ଦ୍ର ମହାରଣା ଓ ଦଳୀୟ କର୍ପୋରେଟରମାନେ ଉପସ୍ଥିତ ଥିଲେ। କେତେକ ଦାବି ସମ୍ବଳିତ ସ୍ମାରକପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୭ ଫେବୃୟାରୀ, ୨୦୨୩


## ସଂକ୍ଷେପରେ

### ଜଙ୍ଗଲ ସୁରକ୍ଷା ନେଇ ମିନି ମାରାଥନ

ପୋଲସରା,୧୬।୨(ଡି.ଏନ.ଏ.)-ଦକ୍ଷିଣ ଘୁମୁସର ବନଖଣ୍ଡ ଅଧୀନ ପୋଲସରା ବନାଞ୍ଚଳ ପକ୍ଷରୁ ଗୁରୁବାର ଜଙ୍ଗଲ ଜମି ସୁରକ୍ଷା ନେଇ କଲେଜ ଛାତ୍ରୀଛାତ୍ର ଓ ଯୁବଗୋଷ୍ଠୀଙ୍କୁ ନେଇ ଏକ ମିନି ମାରାଥନ ଆୟୋଜିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ସଚିନ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ ମିନି ମାରାଥନ କାର୍ଯ୍ୟକ୍ରମକୁ ବିଡ଼ିଓ କୈଳାସ ଚନ୍ଦ୍ର ମୁର୍ମୁ ଉଦ୍‌ଘାଟନ କରିଥିଲେ। ଉକ୍ତ ମାରାଥନରେ ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ସ୍ଥାନୀୟ ଅଞ୍ଚଳର ଯୁବଗୋଷ୍ଠୀ ଅଂଶଗ୍ରହଣ କରିଥିଲେ। ପୋଲସରା ତହସିଲ କାର୍ଯ୍ୟାଳୟରୁ ଏକ ମିନି ମାରାଥନ ବାହାରି ବେଲଗାଁ ଛକରେ ପହଞ୍ଚିଥିଲା। ମାରାଥନରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ବିଜେତାମାନଙ୍କୁ ତହସିଲଦାର ଭାସ୍କର ଚନ୍ଦ୍ର ସାହୁ ପୁରସ୍କୃତ କରିଥିଲେ। ଫରେଷ୍ଟର ହରପ୍ରସାଦ ସାହୁ, ଏନ୍‌ସିସି ଲେଫ୍ଟନାଣ୍ଟ ବିନିତା ଦାଶ, ବନାଞ୍ଚଳ କର୍ମଚାରୀ ରାଜେଶ ଗୌଡ଼, ସରସ୍ୱତୀ ନାହାକ, ସନ୍ତୋଷୀ ମହାରଣାଙ୍କ ସମେତ ପୋଲସରା ବନାଞ୍ଚଳ କର୍ମଚାରୀ ଉପସ୍ଥିତ ଥିଲେ।

### କମଳା ପ୍ରକାଶନୀର ଲୋକାର୍ପଣ ଉତ୍ସବ

ଫୁଲବାଣୀ ଅଫିସ, ୧୬।୨- ଫୁଲବାଣୀରେ ନୂଆ କରି ହୋଇଥିବା କମଳା ପ୍ରକାଶିନୀର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲା ଲେଖକ ସାନ୍ନିଧ୍ୟ ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ ସାହିତ୍ୟିକ ଡ଼. ନୃସିଂହାନନ୍ଦ ମହାପାତ୍ର ଯୋଗଦେଇ ଅନୁଷ୍ଠାନର ଲକ୍ଷ୍ୟ ବିଷୟରେ ଅବଗତ କରାଇଥିଲେ। ସାହିତ୍ୟର ପ୍ରଚାର, ପ୍ରସାର, ସମାଜସେବା, ଚାରାରୋପଣ, ରକ୍ତଦାନ, ପ୍ରତିଭା ସମ୍ମାନ ଆଦି ବିଭିନ୍ନ ଦିଗରେ ଏହି ପ୍ରକାଶନୀ କାର୍ଯ୍ୟକ୍ରମ କରିବ ବୋଲି କହିଥିଲେ। ପ୍ରକାଶନୀର ପ୍ରତିଷ୍ଠାତା ସଭାପତି କମଳା ମହାପାତ୍ର ଥିଲା ବେଳେ କାର୍ଯ୍ୟକାରୀ ସଭାପତି ରାମକୃଷ୍ଣ ବେହେରା, ଉପ ସଭାପତି ବରିଷ୍ଠ ଶିଶୁ ସାହିତ୍ୟିକ କୈଳାଶ ଚନ୍ଦ୍ର ଧଳ, କୋଷାଧ୍ୟକ୍ଷ ଜୟଲକ୍ଷ୍ମୀ ମହାପାତ୍ର, ସହ ସମ୍ପାଦକ ମନୋଜ କୁମାର ଖାଡ଼ଙ୍ଗା ପ୍ରମୁଖ ମନୋନୀତ ହୋଇଛନ୍ତି। ରବୀନ୍ଦ୍ରନାଥ ମିଶ୍ର, ଅରୂପାନନ୍ଦ ନାୟକ, ପ୍ରସନ୍ନ କୁମାର ପଣ୍ଡା, ସୁନୀତି ଆଚାରି, ଜ୍ୟୋତିର୍ମୟୀ କହଁର, ଡ଼ ଚିତ୍ତରଞ୍ଜନ ମିଶ୍ର, ପୁର୍ଣେନ୍ଦୁ ତ୍ରିପାଠୀ, କୁମାର କୁନ୍ଦନ ସିଂ, ସନ୍ତୋଷ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି।

### ହିଞ୍ଜିଳିକାଟୁରେ ବିଜେଡିର ବିକ୍ଷୋଭ

ହିଞ୍ଜିଳିକାଟୁ,୧୬।୨(ଡି.ଏନ.ଏ)- ହିଞ୍ଜିଳିକାଟୁ ବ୍ଲକ ଓ ପୌରାଞ୍ଚଳ ବିଜେଡ଼ି ପକ୍ଷରୁ ବିକ୍ଷୋଭ କରାଯାଇଛି। ନଗର ସଭାପତି ଭୀମସେନ ବେହେରାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଡାକ ବଙ୍ଗଳାଠାରୁ ରାଲିରେ ବାହାରି ପୌର ପରିଷଦ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଅନୁରୂପ ଭାବେ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ ସହ ବିଡ଼ିଓଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ବିଜେଡ଼ି ସାଧାରଣ ସମ୍ପାଦକ ଦେବାନନ୍ଦ ମହାପାତ୍ର, ପୌର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଲେଇ, ବ୍ଲକ ଅଧ୍ୟକ୍ଷା ସରସ୍ୱତୀ ସେଠୀଙ୍କ ସହ ଶତାଧିକ କର୍ମୀ ଯୋଗଦେଇଥିଲେ।

# ନାରୀ ନିର୍ଯାତନା ସମ୍ପର୍କିତ ମାମଲା ସମାଧାନ ନିର୍ଦ୍ଦେଶ

**ଛତ୍ରପୁର,୧୬।୨(ଡି.ଏନ୍.ଏ.)**


ବୈଠକରେ ଉପସ୍ଥିତ ଏଡିଏମ୍ ଓ ଅନ୍ୟମାନେ ।

ଗଞ୍ଜାମ ଜିଲାରେ କାର୍ଯ୍ୟକାରୀ ହେଉଥିବା ୱାନ ଷ୍ଟପ ସେଣ୍ଟର ଅଧିକୃତ ସଖୀ-ସମ୍ବଳ କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ଜିଲାସ୍ତରୀୟ କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ ଅଧ୍ୟକ୍ଷତା କରିଥିଲେ। ବୈଠକରେ ନାରୀ ନିର୍ଯାତନା ସମ୍ପର୍କିତ ମାମଲାଗୁଡିକର ଯଥାଶୀଘ୍ର ସମାଧାନ କରିବା ଦିଗରେ ଗୁରୁତ୍ୱାରୋପ କରାଯାଇଥିଲା । ଏହାଦ୍ୱାରା ମାନସିକ ଚାପରୁ ନାରୀ ସମାଜ ମୁକ୍ତ ହୋଇପାରିବେ। ପ୍ରତ୍ୟେକ ଥାନାରେ ଥିବା ମୋ ପୋଲିସ କାର୍ଯ୍ୟକ୍ରମରେ ୱାନ ଷ୍ଟପ ସେଣ୍ଟର ପକ୍ଷରୁ ଜଣେ ପ୍ରତିନିଧି ଯୋଗ ଦେଲେ ଯାଇ ଆଞ୍ଚଳିକ ସମସ୍ୟାଗୁଡିକ ସମାଧାନ ହେବା ସହିତ ମହିଳା ଓ ଶିଶୁମାନଙ୍କ ବିକାଶ ସମ୍ପର୍କିତ ସଚେତନତା ବ୍ୟାପକ ହୋଇପାରିବ। ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରରେ ମହିଳା ଶିଶୁ ବିକାଶ ଯୋଜନା ଅଧିକାରୀ ଏବଂ ପଞ୍ଚାୟତଗୁଡିକରେ ସରପଞ୍ଚମାନେ ସଚେତନତା ସକାଶେ କାନ୍ଥଗୁଡିକରେ ୱାନ ଷ୍ଟପ୍ ସେଣ୍ଟରର କାର୍ଯ୍ୟକାରିତା ଏବଂ ଏଥିରେ ଯୋଗାଇ ଦିଆଯାଉଥିବା ସେବା ସମ୍ପର୍କିତ ତଥ୍ୟଗୁଡିକ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ ଆସନ୍ତା ଆର୍ଥିକ ବର୍ଷ ସକାଶେ ଖସଡା ପ୍ରସ୍ତୁତ କରାଯାଇ ମାର୍ଚ୍ଚ ୨ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ବିଶ୍ୱ ମହିଳା ସାପ୍ତାହିକ କାର୍ଯ୍ୟକ୍ରମ ଆୟୋଜନ ସକାଶେ ପ୍ରସ୍ତାବମାନ ଗୃହୀତ ହୋଇଛି। ବୈଠକରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଶୁଭଶ୍ରୀ ପାତ୍ର ସ୍ୱାଗତ ଜଣାଇ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଜିଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଏମ୍‌କେସିଜି ଭେଷଜ ମହାବିଦ୍ୟାଳୟ ରେଜିଷ୍ଟ୍ରେଟ୍ ରାଜେନ୍ଦ୍ର କୁମାର ମିଶ୍ର, ସୁପରିଣ୍ଟେଣ୍ଡେଣ୍ଟ ଡ. ସନ୍ତୋଷ କୁମାର ମିଶ୍ର, ସହକାରୀ ଜିଲା ମଙ୍ଗଳ ଅଧିକାରୀ ସାଧନ ଚନ୍ଦ୍ର ଦାସ, ଆଇଏସ୍‌ଆର୍‌ଡିର ନିର୍ଦ୍ଦେଶକ ସୁଧୀର ସାବତ, ସଖୀର କେନ୍ଦ୍ର ନିର୍ଦ୍ଦେଶକ ମହାଶ୍ୱେତା ପାଢୀ, ଲିପିକାର ନିର୍ଦ୍ଦେଶକ ରଞ୍ଜିତା ଦାଶ, ଜିଲାର ସମସ୍ତ ସିଡିପିଓ, ସୁଧାରା ଗୃହର ସମସ୍ତ କର୍ମକର୍ତ୍ତା ଯୋଗଦେଇଥିଲେ ।

# ଛାତ୍ର-ଅଣଛାତ୍ରଙ୍କ ଗଣ୍ଡଗୋଳ ଘଟଣା, ୪ କୋର୍ଟ ଚାଲାଣ

## ଠେଙ୍ଗା, ଖଣ୍ଡା ଓ ଅଫୁଟା ବୋମା ଜବତ

**ଗୋପାଳପୁର,୧୬।୨(ଡି.ଏନ.ଏ.)**

ଛାତ୍ର ଓ ଅଣଛାତ୍ରଙ୍କ ମଧ୍ୟରେ ପୂର୍ବ ଶତ୍ରୁତା ଓ ପଡିଆରା ବୃଦ୍ଧିକୁ ନେଇ ଗଣ୍ଡଗୋଳ ମାମଲାରେ ଗୋଟିଏ ଗୋଷ୍ଠୀର ୪ ଜଣକୁ ଗୋପାଳପୁର ଥାନା ପୋଲିସ ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଶିତଳାପଲ୍ଲୀ ଗ୍ରାମର ଅଶୋକ ସେଠୀ, ସନ୍ତୋଷ ଦାସ, ମଣ୍ଟୁ ସେଠୀ, ବାଦପୁର ଗ୍ରାମର ମହେନ୍ଦ୍ର ଦାସ। ଆକ୍ରମଣରେ ବ୍ୟବହାର ହୋଇଥିବା ଗୋଟିଏ ଖଣ୍ଡା, ଦୁଇଟି ଠେଙ୍ଗା ଓ ଗୋଟିଏ ଅଫୁଟା ବୋମା ପୋଲିସ ଜବତ କରିଛି। ଘଟଣା ଘଟାଇ ଆକ୍ରମଣକାରୀମାନେ ଫେରାର ହୋଇଥିବା ବେଳେ ବୁଧବାର ରାତିରେ ଗୋପାଳପୁର ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଶୋକ, ସନ୍ତୋଷ, ମଣ୍ଟୁ ଓ ମହେନ୍ଦ୍ରଙ୍କୁ କାବୁ କରିଥିଲା। ଥାନାରେ ଅଟକ ରଖି ପଚରାଉଚରା କରିବା ପରେ ନଂ.୬୦/୨୩ରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ୪ ଜଣକୁ ଗିରଫ କରିଛି। ଅନ୍ୟ ୫ରୁ ୭ଜଣ ଫେରାର ଥିବା ବେଳେ ସେମାନଙ୍କୁ ମଧ୍ୟ ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ସାରଦା ପ୍ରସନ୍ନ ଦାସ କହିଛନ୍ତି। ତେବେ ଅନ୍ୟ ଏକ୍ ମାମଲାରେ କାହାରିକୁ ଗିରଫ କରାଯାଇନଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଏହିଥାନା ଅନ୍ତର୍ଗତ ଶିତଳାପଲୀ ଗ୍ରାମରେ ପାରଳା ମହାରଜା ଯାନ୍ତ୍ରିକ ମହାବିଦ୍ୟାଳୟରେ ମଙ୍ଗଳବାର ରାତ୍ରିରେ ତୃତୀୟ ବର୍ଷ ଛାତ୍ର ସୁରଜ ସେଠୀଙ୍କୁ କିଛି ଅଣ ଛାତ୍ର ଓ ଛାତ୍ର ମିଶି ହକି ଷ୍ଟିକରେ ଆକ୍ରମଣ କରିଥିଲେ। ଏନେଇ ଗୋପାଳପୁର ଥାନାରେ ସୁରଜଙ୍କ ଅଭିଯୋଗ କ୍ରମେ ନଂ. ୫୯/୨୩ରେ ମାମଲା ରୁଜୁ ହୋଇଛି। ଅନ୍ୟପଟେ ଅନ୍ୟଗୋଷ୍ଠୀର ବିକ୍ରମ ଓ ତାଙ୍କ ସାଙ୍ଗ ଦୁଇଟି ବାଇକରେ ବୁଧବାର ପାରଳା ମହାରାଜା କଲେଜରୁ ଶୁଭେନ୍ଦୁ ନାଏକଙ୍କୁ ଆଣିବା ବେଳେ ସୁରଜଙ୍କ ଗୋଷ୍ଠୀ ପକ୍ଷରୁ ଏଲଭି ପ୍ରସାଦ ଚକ୍ଷୁ ଓ ଗାୟତ୍ରୀ କଲେଜ ମଝି ରାସ୍ତାରେ ୧୦ ରୁ ୧୧ ଜଣ ମିଳିତ ହୋଇ ବିକ୍ରମ ଓ ତାଙ୍କ ଅନ୍ୟ ସାଙ୍ଗ ମାନଙ୍କୁ ଖଣ୍ଡା, ଠେଙ୍ଗାରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ରୁଦ୍ର ଜେନାଙ୍କ ସହିତ ୪ ଜଣ ଆହତ ହୋଇଥିଲେ। ରୁଦ୍ରଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

## ବିଜେଡିର ବିକ୍ଷୋଭ, ଜିଲାପାଳଙ୍କୁ ସ୍ମାରକପତ୍ର

**ଛତ୍ରପୁର,୧୬।୨(ଡି.ଏନ.ଏ.)**

କେନ୍ଦ୍ର ସରକାରଙ୍କ ପକ୍ଷରୁ ମାଗଣା ୫ କେଜି ଚାଉଳ ବନ୍ଦ କରାଯିବା ନେଇ ବିଜେଡି ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହା ପ୍ରତିବାଦରେ ଛତ୍ରପୁର ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଗଞ୍ଜାମ ଜିଲାପାଳ, ଛତ୍ରପୁର ବିଡିଓ ଓ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ବିକ୍ଷୋଭ କାର୍ଯ୍ୟକ୍ରମର ନେତୃତ୍ୱ ନେଇ କେନ୍ଦ୍ର ସରକାରଙ୍କ ନୀତିକୁ ସମାଲୋଚନା କରିଥିଲେ। ଛତ୍ରପୁର ନଗର ବିଜେଡି ସଭାପତି ବି.ରାଜୁବାବୁ, ଜିଲାପରିଷଦ ସଭ୍ୟ ଏମ.ଧନଞ୍ଜୟ ରେଡ୍ଡୀ, ଏନ୍‌ଏସି ଉପାଧ୍ୟକ୍ଷ ଜି.ପାପା ରାଓ, କାଉନସିଲର ପ୍ରତିଛନ୍ଦା ସାମଲ ପ୍ରମୁଖ ଏଥିରେ ସାମିଲ ହୋଇ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା ସହ ପୂର୍ବ ଭଳି ଚାଉଳ ପ୍ରଦାନ ଲାଗି ଦାବି କରିଥିଲେ। ନଚେତ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି।

## ଅଢ଼େଇ କୁଇଣ୍ଟାଲ ଗଞ୍ଜେଇ ଜବତ

**ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୧୬।୨**

ଫିରିଙ୍ଗିଆ ଥାନା ପୋଲିସ ଲତପାଙ୍ଗିଆ ଗ୍ରାମରେ ଚଢ଼ାଉ କରି ୨୫୦ କିଲୋ ଗଞ୍ଜେଇ ଜବତ କରିଛି। ଚଢ଼ାଉ ବେଳେ ଗଞ୍ଜେଇ ଚାଲାଣକାରୀମାନେ ଫେରାର ହୋଇଯାଇଛନ୍ତି। ଏ ନେଇ ଥାନାରେ ନଂ.୨୫/୨୩ରେ ମାମଲା ରୁଜୁ ହୋଇଛି । ଫେରାର ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ତପନ କୁମାର ନାହାକ ସୂଚନା ଦେଇଛନ୍ତି।

# କେନ୍ଦ୍ର ବିରୋଧରେ ବିଜେଡିର ବିକ୍ଷୋଭ

**ଫୁଲବାଣୀ ଅଫିସ, ୧୬।୨**


ଧାରଣାସ୍ଥଳରେ ବିଜେଡି କାର୍ଯ୍ୟକର୍ତ୍ତା ।

କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ୫ କେଜି ଚାଉଳ କାଟି ଦେଇଛନ୍ତି। ଆଗରୁ ୧୦ କେଜି ଚାଉଳ ଗରିବ ଲୋକଙ୍କୁ ମିଳୁଥିଲା ବେଳେ ଏଥିରୁ କାହିଁକି କଟାଗଲା ସେ ବିଷୟରେ ସ୍ପଷ୍ଟ ଉତ୍ତର ନାହିଁ । କେନ୍ଦ୍ର ଶାସିତ ଭାଜପା ଯେଉଁ ରାଜ୍ୟରେ ନିର୍ବାଚନ ହାରୁଛି, ସେ ସବୁ ରାଜ୍ୟକୁ ଜାଣିଶୁଣି ହଇରାଣ କରାଯାଉଛି । ଆଗାମୀ ଦିନରେ ଲୋକେ ଏହି ଦଳକୁ ଠିକ୍ ଜବାବ ଦେବେ । ମୋଦି ସରକାର କାଟି ଥିବା ଚାଉଳ ନ ଦେବା ଯାଏ ବିଜେଡିର ଲଢ଼େଇ ଜାରି ରହିବ ବୋଲି ବିକ୍ଷୋଭ ପ୍ରଦର୍ଶନ ବେଳେ ଦଳର ଜିଲା ପର୍ଯ୍ୟବେକ୍ଷକ ବିଜୟ ନାୟକ ପ୍ରକାଶ କରିଛନ୍ତି। ଗୁରୁବାର ଜିଲାର ସମସ୍ତ ବ୍ଲକ ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । କନ୍ଧମାଳ ଜିଲା ସଭାପତି ସରୋଜ କର୍ଣ୍ଣଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ବାଲିଗୁଡା ବିଧାୟକ ଚକ୍ରମଣୀ କହଁର, ଯୁବନେତା ରାଜେନ୍ଦ୍ର ପାଢ଼ୀ, ଯୁବ ଉପ ସଭାପତି ପାର୍ଥ ସାରଥୀ ବିଶ୍ୱାଳ, ଛାତ୍ର ବିଜେଡି ସଭାପତି ସୁନୀଲ ସେଠିଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ବିକ୍ଷୋଭ ପ୍ରଦର୍ଶନ ପରେ ବିଜେଡିର ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ବ୍ଲକ, ଏନ୍‌ଏସି ଅଫିସ ଆଗରେ ବିଜେଡିର ବିକ୍ଷୋଭ


ବିଜେଡି ପକ୍ଷରୁ ଧାରଣା ଦିଆଯାଇଛି।

**ଭଞ୍ଜନଗର,୧୬।୨(ଡି.ଏନ.ଏ)**

ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ବନ୍ଦ ପରେ ହିତାଧିକାରୀଙ୍କ ୧୦ କେଜି ଚାଉଳରୁ ୫ କେଜି କଟିବା ପ୍ରତିବାଦରେ ଭଞ୍ଜନଗର ବ୍ଲକ ଓ ଏନ୍‌ଏସି ବିଜେଡି ପକ୍ଷରୁ ଗୁରୁବାର ବ୍ଲକ ଏବଂ ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଜେଡି ନେତାମାନେ କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତି ସମ୍ପର୍କରେ କହିଥିଲେ । ବ୍ଲକ ସମ୍ମୁଖରେ ଅନୁଷ୍ଠିତ ସଭାରେ ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଅଧ୍ୟକ୍ଷ ନରୀସଭା ନାୟକ, ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ଏମ୍‌ପି ପ୍ରତିନିଧି ଦିବାକର ନାୟକ, ଜିଲା ପରିଷଦ ସଭ୍ୟ ଜିତେନ୍ଦ୍ର କେଶରୀ ଆରୁଖ, ଯୁବ ବିଜେଡି ସଭାପତି ଟୁଟୁ ପ୍ରଧାନ, ବିଷ୍ଣୁ ପ୍ରଧାନ, ଶୂଳପାଣି ଶତପଥୀ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସେହିପରି ଏନ୍‌ଏସି ଅଫିସ ସମ୍ମୁଖ ବିକ୍ଷୋଭରେ ନଗର ବିଜେଡି ସଭାପତି ରାଜେନ୍ଦ୍ର ବିଷୋୟୀ ନେତୃତ୍ୱ ନେଇଥିଲେ। ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ପୂର୍ବତନ ଅଧ୍ୟକ୍ଷ ସୁଧୀର ରଞ୍ଜନ ବେହେରା, ବରିଷ୍ଠ ନେତା ଏମ୍.ତାଜ୍ ଆଦେନୀ, ଏମ୍‌ପି ପ୍ରତିନିଧି ପଞ୍ଚାନନ ପାଳ, ପୂର୍ବତନ ବିଧାୟକ ସ୍ୱର୍ଗତ ଉମାକାନ୍ତ ମିଶ୍ରଙ୍କ ପୁଅ ରଞ୍ଜିତ ମିଶ୍ର, ଚିଦାନନ୍ଦ ସ୍ୱାଇଁ, ସୁଶାନ୍ତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟପକ୍ଷରେ ବୁଧବାର ଭଞ୍ଜନଗର ବ୍ଲକର ସମସ୍ତ ୨୨ଟି ଯାକ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା ।

# ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଆସିକା,୧୬।୨(ଡି.ଏନ.ଏ.)**

ଆସିକା ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟର ୩୮ତମ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷ ଗଣେଶ୍ୱର ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆସିକା ଏମପି ପ୍ରମିଳା ବିଷୋୟୀ ମୁଖ୍ୟ ଅତିଥି, ବିଧାୟିକା ମଞ୍ଜୁଳା ସ୍ୱାଇଁ ସମ୍ମାନିତ ଅତିଥି, ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ଏହି ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଡ. ପୁଷ୍ପାଞ୍ଜଳି ପଢାଳ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଆଥଲେଟିକ ଓ ଡ୍ରାମାଟିକ ସୋସାଇଟିର ଉପଦେଷ୍ଟା ଲେଫ୍ଟନାଣ୍ଟ ଡ. ସୁପ୍ରିୟା ଦାଶ ଓ ସାଂସ୍କୃତିକ ସଂସଦର ଉପଦେଷ୍ଟା ଡ. ଲିଲା ଲିଲିୟନ ମଞ୍ଚାସୀନ ଥିଲେ । ଏତଦ ଅବସରରେ ଦେଶର ଶ୍ରେଷ୍ଠ ଥାନା ଭାବେ ବିବେଚିତ ଆସିକା ଥାନାର ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କୁ କଲେଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । କଲେଜ ଅଧ୍ୟକ୍ଷ ମାଝି ବିବରଣୀ ପାଠ କରି ମହାବିଦ୍ୟାଳୟର ଶ୍ରେଣୀଗୃହ, ଚେୟାର ଟେବୁଲ, ଶିକ୍ଷାଦାନ ଲାଗି ଅଧିକ ଅଧ୍ୟାପିକା ନିଯୁକ୍ତି ଓ ଅନ୍ୟାନ୍ୟ ଅଭାବ ଅସୁବିଧା ସମ୍ପର୍କରେ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

# ସ୍ୱୀକୃତି କାର୍ଯ୍ୟକ୍ରମ ସଚେତନତା ଶିବିର


ଶିବିରରେ ଉପସ୍ଥିତ ଅତିଥି

**ଜି.ଉଦୟଗିରି,୧୬।୨**

ସ୍ଥାନୀୟ ପଞ୍ଚାୟତ ସମିତି ସଭା ଗୃହରେ ବୁଧବାର କନ୍ଧମାଳ ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସ୍ୱାତୀ' ଓ ଏସ୍‌ଏସ୍‌ଇପିଡି, ଓଡିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ସ୍ୱୀକୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଟ୍ରାନ୍ସଜେଣ୍ଡର ସଭାପତି ଝୁମୁକା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଷମା ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଏବିଇଓ ରଞ୍ଜନ କୁମାର ରାଉତ, ବିଏସ୍‌ଓ ସଙ୍ଗୀତା ବେହେରା, ସିଓ କେ.ଜୀବନ ଜ୍ୟୋତି ପାତ୍ର, ଗ୍ରେସିଙ୍ଗିଆ ସରପଞ୍ଚ ତ୍ରିଶିଳା ପ୍ରଧାନ, କଳିଙ୍ଗା ସରପଞ୍ଚ ବଙ୍କି ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ସରକାର ୨୦୧୯ରେ ସ୍ୱତନ୍ତ୍ର ଆଇନ ଆଣି ଟ୍ରାନ୍ସଜେଣ୍ଡରମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ତେଣୁ କନ୍ଧମାଳ ଜିଲା ଓ ତାର ପ୍ରକୃତିକୁ ଭଲପାଉଥିବା ଆମ ଜିଲାର ଟ୍ରାନସଜେଣ୍ଡର ମାନଙ୍କୁ ସମସ୍ତଙ୍କ ଭଳି ସମାନ ଅଧିକାର ପ୍ରଦାନ କରିବା ସହ ସେମାନଙ୍କୁ ନେଇ ମନରେ କୌଣସି ଭେଦଭାବ ନରଖିବା ହିଁ ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ କନବାଗେରୀର ଐଶ୍ୱର୍ଯ୍ୟା ଗୁରୁତ୍ୱପୂର୍ଣ୍ଣ ମଧ୍ୟ ରାଜ୍ୟ ପ୍ରଶାସନିକ ଅଧିକାରୀ ଭାବେ ନିଯୁକ୍ତି ପାଇ କାର୍ଯ୍ୟରତ ଅଛନ୍ତି। ଏହା ଆମ ଅଞ୍ଚଳ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଝୁମୁକା, ମାନସ, ଦେବଶିଷ, ବିଭାମିଞ୍ଚି, ଆକାଶ, ଚିତ୍ତରଞ୍ଜନ ଓ କଳ୍ପନାଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। କାର୍ଯକ୍ରମ ପରିଚାଳନାରେ ସ୍ୱାତୀ ଅନୁଷ୍ଠାନର କର୍ମୀ ପ୍ରଦୀପ କୁମାର ସ୍ୱାଇଁ ପରିଚାଳନା କରିଥିବା ବେଳେ ହୃଷୀକେଶ ଅମାୟତ, କନକ ପାତ୍ର, ମୁନା ନାୟକ ଓ ନିରୁପମା ସହଯୋଗ କରିଥିଲେ।

# କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ମାରକପତ୍ର

**ପୁରୁଷୋତ୍ତମପୁର/ରାଇକିଆ/ଚିକିଟି/ ଖଲ୍ଲିକୋଟ/ଦିଗପହଣ୍ଡି/ ଧରାକୋଟ/ ଜି.ଉଦୟଗିରି/ଆର.ଉଦୟଗିରି/ ବୁଗୁଡ଼ା/ ଆସିକା/ବାଲିଗୁଡ଼ା ୧୬।୨ (ଡି.ଏନ.ଏ.)**

ମାଗଣା ଚାଉଳ ବନ୍ଦ ପ୍ରତିବାଦରେ କେନ୍ଦ୍ର ସରକାରଙ୍କ ଉପରେ ପୁରୁଷୋତ୍ତମପୁରଠାରେ ବ୍ଲକ ଓ ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି ଗର୍ଜିଉଠିଛି। ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟଙ୍କ ନେତୃତ୍ୱରେ ଜିଲା ବିଜେଡି ସାଧାରଣ ସମ୍ପାଦକ ନିର୍ମଳ ଚନ୍ଦ୍ର ସାହୁ ଓ ସୁଭ୍ରାଂଶୁ ଶେଖର ସାବତ, ଦିଗାମ୍ବର ପାଣିଗ୍ରାହୀ, ଆସିକା ଏମ୍‌ପିଙ୍କ ପ୍ରତିନିଧି ସୁଦର୍ଶନ ନାୟକ, ପ୍ରେମାନନ୍ଦ ସାହୁ, ସମିତିସଭ୍ୟ ସୀମାଞ୍ଚଳ ଗୌଡ, ଏନ୍‌ଏସି ଅଧ୍ୟକ୍ଷା ପ୍ରିୟଙ୍କା ଗୌଡ, ଉପାଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ପଣ୍ଡା, ବ୍ଲକ ଅଧ୍ୟକ୍ଷା ପିଙ୍କି ବେହେରା ଉଭୟ ବ୍ଲକ ଓ ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ବିଡିଓ ବିଜୟ କୁମାର ବେହେରା ଓ ଏନ୍‌ଏସି ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ରଙ୍କୁ ପ୍ରଦାନ କରିଛନ୍ତି।

ସେହିପରି ରାଇକିଆ ବ୍ଲକ କାର୍ଯ୍ୟାଳୟ ଆଗରେ ବ୍ଲକ ସଭାପତି ରାଜମୋହନ ଦିଗାଲଙ୍କ ନେତୃତ୍ୱରେ ବ୍ଲକ ଉପାଧ୍ୟକ୍ଷ ରିନା ପ୍ରଧାନ, ଜିଲା ବିଜେଡି ସଂଖ୍ୟା ଲଘୁସେଲ୍ ସଭାପତି ଜୟାନନ୍ଦ ନାୟକ, ବ୍ଲକ ଯୁବ ବିଜେଡି ସଭାପତି ଟୁକୁନା ପାଣିଗ୍ରାହୀ, ଛାତ୍ର ବିଜେଡି ସଭାପତି ରୋସନ ନାୟକ ଆନ୍ଦୋଳନ କରିଥିଲେ।

ଧରାକୋଟ ବ୍ଲକ ସମ୍ମୁଖରେ ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀଙ୍କ ନେତୃତ୍ୱ ଓ ବ୍ଲକ ବିଜେଡି ସଭାପତି ସଞ୍ଜୟ ପାତ୍ରଙ୍କ ସଂଯୋଜନାରେ ବୈଠକ ଅନୁଷ୍ଠିତ ହୋଇଛି। ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ପୂର୍ବତନ ସରପଞ୍ଚ ଦିଲୀପ ସ୍ୱାଇଁ ଉପସ୍ଥିତ ଥିଲେ।

ଚିକିଟି ବ୍ଲକ ବିଜେଡି ପକ୍ଷରୁ ବ୍ଲକ ଅଧ୍ୟକ୍ଷ ଆପନା ସେଠୀଙ୍କ ନେତୃତ୍ୱରେ ସାହସ୍ରାଧିକ ବିଜେଡି କର୍ମୀ ବ୍ଲକ କାର୍ଯ୍ୟାଳୟ ସମୁଖରେ ବିକ୍ଷୋଭ କରିବା ସହିତ ବରିଷ୍ଠ କିରାଣୀ ପ୍ରସାଦ କୁମାର ପଣ୍ଡାଙ୍କୁ ସ୍ମାରକପତ୍ର ଦେଇଥିଲେ।

ଖଲ୍ଲିକୋଟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଧାୟିକା, ବ୍ଲକ ଅଧ୍ୟକ୍ଷ ଦୈତାରି ବେହେରାଙ୍କ ନେତୃତ୍ୱରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାର ଏବଂ ବିଡିଓଙ୍କୁ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ।

ସେହିପରି ଜି.ଉଦୟଗିରି ଏନ୍‌ଏସି ଏବଂ ବ୍ଲକ ପରିସରରେ ବିଜେଡି ପକ୍ଷରୁ ଧାରଣା ଦେଇଥିଲେ। କାର୍ଯ୍ୟକ୍ରମରେ ମୋହନା ପଞ୍ଚାୟତ ସମିତି ଅଧ୍ୟକ୍ଷ ରଞ୍ଜୀବ ଶବରଙ୍କ ନେତୃତ୍ୱରେ ବିଜେଡି ନେତା ଭାସ୍କର ସାହୁ, ବିଳାସ ନାୟକ, ପ୍ରକାଶ ନାୟକଙ୍କ ସମେତ ଅନେକ ଦଳୀୟ ନେତା, କର୍ମୀ ଓ ଲୋକ ପ୍ରତିନିଧିମାନେ ଯୋଗ ଦେଇଥିଲେ। ବୁଗୁଡ଼ା ଏନ୍‌ଏସି ଓ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ପ୍ରଦର୍ଶନ ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ଉପାଧ୍ୟକ୍ଷା ଗୀତାଞ୍ଜଳି ପାଢ଼ୀ, ନଗର ବିଜେଡି ସଭାପତି କେ.ତ୍ରିଲୋଚନ ଦୋରା, ମହିଳା ସଭାନେତ୍ରୀ ମନ୍ଦାକିନୀ ସାହୁ, ଯୁବ ସଭାପତି କେଶବ ସାହୁ, ଛାତ୍ର ସଭାପତି ହରପ୍ରସାଦ ମହାପାତ୍ର, ଏମ୍‌ପି ପ୍ରତିନିଧି ବସନ୍ତ ଦଳେଇଙ୍କ ଉପସ୍ଥିତ ଥିଲେ।

ଆସିକା ବ୍ଲକ ସମ୍ମୁଖରେ ବିଜେଡି ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବିଡିଓ ଫକୀର ଚରଣ ପରିଡାଙ୍କୁ ଦିଆଯାଇଥିଲା । ଏମପି ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ତ୍ରିବେଣୀ ନାହାକ, ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ ପ୍ରମୁଖ ସାମିଲ ଥିଲେ।

ସେହିପରି କନ୍ଧମାଳ ଜିଲା ବାଲିଗୁଡ଼ା ବିଜେଡି ସଭାପତି ଟୁନା ଦାସଙ୍କ ନେତୃତ୍ୱରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ଏହି ବିକ୍ଷୋଭରେ ବିଧାୟକ ଚକ୍ରମଣି କହଁର, ଉପସଭାପତି ବିଜେଶ୍ୱର ମଲ୍ଲିକ, ଏନ୍‌ଏସି ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷା ଶାନ୍ତିଲତା ନାୟକ, ପୂର୍ବତନ ଏନଏସି ଅଧ୍ୟକ୍ଷ ଲୋକନାଥ ପାଢ଼ୀ, ବିଧାୟକ ପ୍ରତିନିଧି ଅବନୀକାନ୍ତ ନାୟକ, ଯୁବନେତା ସୁଜିତ କୁମାର ପାଳଙ୍କ ସମେତ ୧୪ଟି ପଞ୍ଚାୟତର ବହୁ ନେତା ଓ କର୍ମୀ ସାମିଲ ହୋଇଥିଲେ ।

